# ଜିଲ୍ଲା ସଂସ୍କୃତି ପରିଷଦ, କଟକ

ବିଜ୍ଞାପନ ନଂ:-527 ତା :- 02.11.2019

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବାଲିଯାତ୍ରା-2019 ରେ ଯାନବାହାନ ରହଣିସ୍ଥଳର ନିଲାମ ନିମନ୍ତେ ତା 06.11.2019 ରିଖ ଅପରାହ୍ନ **2:30** ଘଟିକା ସମୟରେ ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ ,୨ୟ ମହଲା ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,କଟକରେ ନିଲାମ କରାଯିବା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଅଛି | ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଜିଲ୍ଲା ସଂସ୍କୃତି ଅଧିକାରୀ, କଟକଙ୍କ କାର୍ଯ୍ୟାଳୟ ଏବଂ website ରୁ କାର୍ଯ୍ୟଦିବସ ଓ ସମୟ ମଧରେ ଯାନ ବାହାନ ରହଣିସ୍ଥଳର ନାମ, ନମ୍ବର ଓ ଏରିଆ ସମ୍ପର୍କିତ ଅନ୍ୟାନ୍ୟ ସୂଚନା ସହିତ ଧାର୍ଯ୍ୟ ମୂଲ୍ୟ ଦେଖି ସାଧା କାଗଜରେ ନିଜର ନାମ ଓ ସମ୍ପୂର୍ଣ୍ଣ ଠିକଣାସହ ଯାନ ବାହାନ ରହଣିସ୍ଥଳର ନାମ, ନମ୍ବର ତଥା କେତେ ଟଙ୍କାରେ ନିଲାମ ନେବାକୁ ଚାହାଁନ୍ତି ତାହା ଉଲ୍ଲେଖ କରି ଦସ୍ତଖତ ସହ ଜଉମୁଦ ଲଫାପାରେ **Registered / Registered Speed-Post** ମାଧ୍ୟମରେ ଜିଲ୍ଲା ସଂସ୍କୃତି ଅଧିକାରୀ, କଟକଙ୍କ କାର୍ଯ୍ୟାଳୟକୁ ନିମ୍ନଲିଖିତ ଠିକଣାରେ ପଠାଇବେ -

**District Culture Officer, Office of the Collector, Cuttack At/Po- Chandini Chowk, P.S. – Lalbag, Dist.–Cuttack Pin- 753002**

ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ଅପରାହ୍ନ **2 ଘଟିକା ତା-06-11-2019 ଧାର୍ଯ୍ୟ କରାଯାଇଛି ।** . ବନ୍ଦ ଲଫାପା ଉପରେ **Application for Temporary vehicle Stand at Baliyatra-2019** ଲେଖା ରହିବ | ଉକ୍ତ ମୂଲ୍ୟ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଯାଇପାରେ | ଟେଣ୍ଡର ଦରଖାସ୍ତ ସହିତ ସରକାରୀ ଧାର୍ଯ୍ୟମୂଲ୍ୟର ଦଶ ଶତାଂଶ **(10%)** ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରିବେ | ଏହି ବ୍ୟାଙ୍କ ଡ୍ରାଫ୍ଟଟି Collector-Cum-Chairman, District Council of Culture, Cuttack ଙ୍କ ସପକ୍ଷରେ ଓ ଦେୟ **(Payable at UCO Bank Collectorate Branch, Cuttack)** ହୋଇଥିବା ଆବଶ୍ୟକ। ଯେଉଁ ବ୍ୟକ୍ତି ବିଶେଷ ବିଗତ ବର୍ଷର ବକେୟା ଦେୟ ପରିଶୋଧ କରି ନଥିବେ ସେ ନିଲାମରେ ଭାଗ ନେଇ ପାରିବେ ନାହିଁ | କୌଣସି କାରଣ ନଦର୍ଶାଇ ନିଲାମ ଅଧିକାରୀ ନିଲାମକୁ ସ୍ଥଗିତ ବା ରଦ୍ଦ କରିପାରିବେ । ତା 06.11.2019ରିଖ ଅପରାହ୍ନ 2.30 ଘଟିକା ସମୟରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇପାରିଲେ, ପରବର୍ତ୍ତୀ ନିଲାମ ତା 07.11.2019 ଏବଂ 08.11.2019 (ଦିବା 11 ଘଟିକା) ସମୟରେ ଅନୁଷ୍ଠିତ ହେବ ।

ଜିଲ୍ଲା ସଂସ୍କୃତି ଅଧିକାରୀ, କଲେକ୍ଟରେଟ୍, କଟକ

District Culture Officer
CUTTACK

# ସର୍ତ୍ତାବଳୀ

1) ନିଲାମ ଗ୍ରହିତା ଧାର୍ଯ୍ୟ କରାଯାଇଥିବା ମହାସୁଲ ଯାନଗୁଡିକରୁ ନିମ୍ନମତେ ଆଦାୟ କରିବେ।

| | | |
|---|---|---|
| ସାଇକେଲ୍ | - | ଦେୟମୁକ୍ତ |
| ଦୁଇ ଚକିଆ ଯାନ | - | ଟ.30.00 |
| ଚାରି ଚକିଆ ଯାନ | - | ଟ.100.00 |

2) ମହାସୁଲର ଏକ ତାଲିକା ସଂପୃକ୍ତ ଷ୍ଟାଣ୍ଡ ର ସମ୍ମୁଖ ଭାଗରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବେ, ଉକ୍ତ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରିପାରିବେ ନାହିଁ |

3) Ticket Format ତଥା ବିଭିନ୍ନ ପ୍ରକାର ଯାନ ପାର୍କିଂ ପାଇଁ ମଧ ପ୍ରଶାସନ ମୂଲ୍ୟ ଧାର୍ଯ୍ୟ କରିଛନ୍ତି | ନିଲାମଧାରୀ କେବଳ ପ୍ରଶାସନ ଦ୍ୱାରା ଧାର୍ଯ୍ୟ ହୋଇଥିବା Format ରେ Ticket Print କରିବେ ଏବଂ ନିର୍ଦ୍ଦିଷ୍ଟ ଯାନଠାରୁ କେବଳ ଧାର୍ଯ୍ୟ ମୂଲ୍ୟ ଅସୁଲ କରିବେ |

4) ଏ ବାବଦରେ ଏକ ମୁଖଲିକା ପତ୍ର ଦେବେ, ଯଦି କୌଣସି ନିଲାମଧାରୀ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରନ୍ତି ତେବେ ଉକ୍ତ ନିଲାମକୁ ରଦ୍ଦ କରଦିଆଯିବ ଏବଂ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବ |

5) ପ୍ରଶାସନ ଦ୍ୱାରା ବିଭିନ୍ନ Parking ଷ୍ଟାଣ୍ଡ ପାଇଁ ଅଲଗା ଅଲଗା ରଙ୍ଗର ଟିକେଟ୍ ସ୍ଥିର କରାଯାଇଛି | ମନୋନିତ ନିଲାମଧାରୀ କେବଳ ସେହି ସ୍ଥିରୀକୃତ ରଙ୍ଗର ଟିକେଟ୍ ଛପାଇବେ |

6) ପ୍ରତ୍ୟେକ ନିଲାମଧାରୀ ଷ୍ଟାଣ୍ଡ ନମ୍ବର ତଥା ନାମ ଏବଂ ପ୍ରଶାସନ ଦ୍ୱାରା ବିଭିନ୍ନ ଯାନପାଇଁ ଧାର୍ଯ୍ୟ କରାଯାଇ ଥିବା ମୂଲ୍ୟକୁ ଉଲ୍ଲେଖ କରି ଦୂରକୁ ଦେଖାଗଲାପରି ନିଜ ଖର୍ଚ୍ଚରୁ Flex Printing କରି Banner ମାରିବେ |

7) ଆବେଦନକାରୀ ଙ୍କ ନାମରେ କୌଣସି ଫୌଜଦାରୀ ମାମଲା ରୁଜୁ ହୋଇନଥିବ |

8) ଆବେଦନକାରୀ ଦରକାସ୍ତ ସହିତ ଫଟୋ ପରିଚୟ ପତ୍ର ଯେପରିକି EPIC/Adhaar/Driving License ର ନକଲ ସଂଲଗ୍ନ କରିବେ |

ଜିଲ୍ଲାପାଳଙ୍କ ଆଦେଶ କ୍ରମେ

ଜିଲ୍ଲା ସଂସ୍କୃତି ଅଧିକାରୀ, କଲେକ୍ଟରେଟ୍, କଟକ

District Culture Officer
CUTTACK

# ବାଲିଯାତ୍ରା-2019 ପାଇଁ ନିଲାମ ହେବାକୁ ଥିବା ଅସ୍ଥାୟୀ ଯାନବାହାନର ରହଣିସ୍ଥଳର ବିବରଣୀ

| ଯାନବାହାନର ରହଣିସ୍ଥଳ ( ଅସ୍ଥାୟୀ) ତା-12.11.2019 ଠାରୁ ତା-19.11.2019 | | | | |
|---|---|---|---|---|
| କ୍ରମିକ ନଂ | ଷ୍ଟାଣ୍ଡ ନଂ | ଷ୍ଟାଣ୍ଡ ର ନାମ | ଏରିଆ (in Sqft) | ସରକାରୀ ଧାର୍ଯ୍ୟ ମୂଲ୍ୟ (ଟଙ୍କା) |
| 1 | | | | |
| 1 | 7 | ମୁଣ୍ଡାସାହି (ପଶ୍ଚିମ) | 39988 | 481,250.00 |

ଜିଲ୍ଲାପାଳଙ୍କ ଆଦେଶ କ୍ରମେ

ଜିଲ୍ଲା ସଂସ୍କୃତି ଅଧିକାରୀ, କଲେକ୍ଟରେଟ୍, କଟକ

District Culture Officer
CUTTACK